ହିମାଚଳ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ,
ସିମଳା ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି
ବନାମ
ତିରଥ ରାଜ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ସେପ୍ଟେମ୍ବର 1, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985: ନ୍ୟାୟାଧିକରଣ - କ୍ଷେତ୍ରାଧିକାରିତା - ଦିନ ମଜୁରିଆ କର୍ମଚାରୀଙ୍କ ବିବାଦ - ନିର୍ଣ୍ଣୟ ହେଲା ନ୍ୟାୟାଧିକରଣଙ୍କର ନିଷ୍ପତ୍ତି ନେବାର କ୍ଷେତ୍ରାଧିକାରିତା ରହିଛି - ବିବାଦର ନିଷ୍ପତ୍ତି ନେବା ପାଇଁ ଉଚ୍ଚ ନ୍ୟାୟାଳୟକୁ କ୍ଷେତ୍ରାଧିକାରିତାରୁ ବଞ୍ଚିତ କରାଯାଇଛି ।*

ଅପିଲକାରୀ-ବିଦ୍ୟୁତ ବୋର୍ଡରେ ଟି. ମେଟ୍ ଭାବରେ ଦୈନିକ ମଜୁରୀରେ ନିଯୁକ୍ତ ହୋଇଥିବା ଅପିଲକାରୀମାନେ କିରାଣୀ ପଦବୀର କର୍ତ୍ତବ୍ୟ ପାଳନ କରୁଥିବା ଆଧାରରେ ନିୟମିତ କିରାଣୀଙ୍କ ସହିତ ସମାନ ଦରମା ଦାବି କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଦାବିକୁ ମଞ୍ଜୁର କରି କହିଥିଲେ ଯେ (i) ଅପିଲକାରୀ-ବୋର୍ଡ ଅଧୀନରେ କାର୍ଯ୍ୟ କରୁଥିବା ଦୈନିକ ମଜୁରୀ କର୍ମଚାରୀଙ୍କ ବିବାଦର ନିଷ୍ପତ୍ତି ନେବାର କ୍ଷେତ୍ରାଧିକାରିତା ଏହାର ଅଛି; (ii) ଯେହେତୁ ଦୈନିକ ମଜୁରୀ କର୍ମଚାରୀମାନେ କୌଣସି ପଦବୀରେ ନିଯୁକ୍ତ ନୁହଁନ୍ତି, ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985 ପ୍ରଯୁଜ୍ୟ ନଥିଲା ।

ଅପିଲକାରୀ-ବୋର୍ଡ ଅଧୀନରେ କାର୍ଯ୍ୟ କରୁଥିବା ଦିନ ମଜୁରିଆ କର୍ମଚାରୀଙ୍କ ବିବାଦର ନିଷ୍ପତ୍ତି ନେବାର କ୍ଷେତ୍ରାଧିକାରିତା ଉଚ୍ଚ ନ୍ୟାୟାଳୟର ଅଛି କି, ଏହି ପ୍ରଶ୍ନ ଉପରେ ଏହି ନ୍ୟାୟାଳୟରେ ହୋଇଥିବା ଅପିଲଗୁଡିକରେ:

ଅପିଲଗୁଡ଼ିକର ଫଇସଲା କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ : ଦୀପ ଚାନ୍ଦ ପାଣ୍ଡେଙ୍କ ମାମଲା*ରେ ନିର୍ଦ୍ଧାରିତ ଆଇନକୁ ଦୃଷ୍ଟିରେ ରଖି ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟକୁ କ୍ଷମତା ଏବଂ କ୍ଷେତ୍ରାଧିକାରରୁ ବଞ୍ଚିତ କରାଯାଇଥିଲା ଏବଂ ଅଧିନିୟମ ଅନୁଯାୟୀ ଏହି ସପକ୍ଷରେ ଗଠିତ ପ୍ରଶାସନିକ ନ୍ୟାୟାଧିକରଣକୁ ଦିଆଯାଇଥିଲା । ତେବେ, ଯେହେତୁ ଯୋଗ୍ୟତା ଆଧାରରେ ଦାବିଗୁଡ଼ିକର ସମାଧାନ ହୋଇସାରିଛି, ତେଣୁ ଏହି ମାମଲାରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ।

**ଭାରତ ସଂଘ ବନାମ ଦୀପ ଚାନ୍ଦ ପାଣ୍ଡେ,* **AIR (1993) SC 382 ଉପରେ ନିର୍ଭର କରାଗଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା ୪086/1995 ଇତ୍ୟାଦି ।

ଡବ୍ଲ୍ୟୁ.ପି. ସଂଖ୍ୟା 647/1984ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟର 11.7.89 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ନରେଶ କେ. ଶର୍ମା, ସି.ପି. ପାଣ୍ଡେ, କେ.କେ. ଲାହିରୀ, ଗୌରାଭେ କୁମାର, ରବୀନ୍ଦ୍ର କୁମାର, ବି.ଏସ୍. ଗୁପ୍ତା ଏବଂ ଏ.ଏମ୍. ଖାନୱିଲକର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତାମାନଙ୍କୁ ଅପିଲକାରୀଙ୍କ ସହିତ ଟି. ମେଟ୍ ଭାବରେ ଦୈନିକ ମଜୁରୀରେ ନିଯୁକ୍ତି ଦିଆଯାଇଛି । ଏହା ସେମାନଙ୍କର ଅଭିଯୋଗ ଯେ ଯଦିଓ ସେମାନେ କିରାଣୀ ପଦବୀରେ ରହିଥିଲେ ଏବଂ ଅପିଲକାରୀଙ୍କ ବୋର୍ଡରେ ଏହି ପଦବୀର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ, ତଥାପି ସେମାନଙ୍କୁ ନିୟମିତ କିରାଣୀଙ୍କ ଭଳି ଦରମା ଦିଆଯାଉନଥିଲା । ତେଣୁ ସେମାନେ କିରାଣୀଙ୍କ ଭଳି ସମାନ ଦରମା ପାଇବାକୁ ହକଦାର ଅଟନ୍ତି । ଉଚ୍ଚ ନ୍ୟାୟାଳୟ ସେହି ଯୁକ୍ତିକୁ ଗ୍ରହଣ କରିଥିଲେ ଏବଂ କିରାଣୀଙ୍କ ସହ ସମାନ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଉଚ୍ଚ ନ୍ୟାୟାଳୟରେ ଅପିଲକାରୀଙ୍କ ଦ୍ୱାରା ଦୁଇଟି ଯୁକ୍ତି ଉଠାଯାଇଛି । ପ୍ରଥମତଃ, ଗୁଣବତ୍ତା ଉପରେ ଏବଂ ଦ୍ୱିତୀୟତଃ, କ୍ଷେତ୍ରାଧିକାରିତା ଉପରେ । ଗୁଣବତ୍ତା ସମ୍ପର୍କରେ, ଅର୍ଥାତ୍, କିରାଣୀମାନଙ୍କ ସହ ସମାନ କାମ ପାଇଁ ସମାନ ଦରମା ପାଇବାର ସେମାନଙ୍କର ଅଧିକାର ସମ୍ବନ୍ଧରେ, ଅପିଲକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା । ସେହି ଅନୁସାରେ, ସେମାନଙ୍କୁ ମଜୁରୀ ଦିଆଯାଉଥିଲା । ସେହି ବୁଝାମଣାକୁ ବିଚାରାଧୀନ ଡବ୍ଲ୍ୟୁ.ପି.(ସି) ସଂଖ୍ୟା 788/87 ଏବଂ ଅନ୍ୟ ସମୂହ ମାମଲାରେ ଏହି ନ୍ୟାୟାଳୟର ଦୃଷ୍ଟିକୁ ଅଣାଯାଇଥିଲା । ଏହି ନ୍ୟାୟାଳୟ, ମଇ 10, 1991 ତାରିଖର ଆଦେଶ ଦ୍ୱାରା ବୁଝାମଣା ଅନୁସାରେ ଆଜ୍ଞାଦେଶ ଫଇସଲା କରିଥିଲେ । ଏହାଦ୍ୱାରା ଯୋଗ୍ୟତା ଉପରେ ବିବାଦ ଆଉ ତିଷ୍ଠି ରହେ ନାହିଁ ।

ନିର୍ଣ୍ଣୟ ପାଇଁ ଏକମାତ୍ର ପ୍ରଶ୍ନ ଯାହା ବାକି ଅଛି ତାହା ହେଉଛି ଅପିଲକାରୀଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଦିନ ମଜୁରିଆ କର୍ମଚାରୀଙ୍କ ବିବାଦର ନିର୍ଣ୍ଣୟ ନେବା ପାଇଁ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ଅଛି

କି? ଉଚ୍ଚ ନ୍ୟାୟାଳୟ ଏହି ମତ ପୋଷଣ କରିଥିଲେ ଯେ ଯେହେତୁ ଦିନ ମଜୁରିଆ କର୍ମଚାରୀମାନଙ୍କୁ କୌଣସି ପଦବୀରେ ନିଯୁକ୍ତି ଦିଆଯାଇନାହିଁ , ତେଣୁ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985 (ସଂକ୍ଷେପରେ 'ଅଧିନିୟମ') ପ୍ରଯୁଜ୍ୟ ହୁଏ ନାହିଁ । ଏହି ବିବାଦ ମଧ୍ୟ ଆଉ ଅନିର୍ଣ୍ଣିତ ହୋଇ ରହିନାହିଁ । *ଭାରତ ସଂଘ ବନାମ ଦୀପ ଚାନ୍ଦ ପାଣ୍ଡେ,* AIR (1993) SC 382 ମାମଲାରେ, ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ) କେନ୍ଦ୍ରୀୟ ରେଳବାଇ, ଗ୍ୱାଲିୟର ଅଧୀନରେ କାର୍ଯ୍ୟ କରୁଥିବା ନୈମିତ୍ତିକ ଟାଇପିଷ୍ଟଙ୍କ ସମ୍ପର୍କରେ ସମାନ ବିବାଦ ଉଠିଥିଲା । ସେମାନେ ଯୁକ୍ତି କରିଥିଲେ ଯେ ଅଧିନିୟମର ଧାରା 14 ଅନୁଯାୟୀ, ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ ସମସ୍ତ ନ୍ୟାୟାଳୟ ଦ୍ୱାରା ପ୍ରୟୋଗଯୋଗ୍ୟ ସମସ୍ତ କ୍ଷେତ୍ରାଧିକାରିତା, କ୍ଷମତା ଏବଂ କର୍ତ୍ତୃତ୍ୱ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣରେ ନିହିତ ହୋଇଛି । ତେଣୁ, ସଂଘ ତରଫରୁ ଯୁକ୍ତି କରାଯାଇଥିଲା ଯେ ଦୈନିକ ମଜୁରୀ ଆଧାରରେ ନୈମିତ୍ତିକ ଟାଇପିଷ୍ଟଙ୍କ ଦାବିକୁ ଗ୍ରହଣ କରିବା ପାଇଁ ଉଚ୍ଚ ନ୍ୟାୟାଳୟର କୌଣସି କ୍ଷେତ୍ରାଧିକାରିତା ନାହିଁ । ଦୈନିକ ମଜୁରୀ ଟାଇପିଷ୍ଟଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ଯେହେତୁ ସେମାନେ ସଂଘ ଅଧୀନରେ କୌଣସି ବୈଧାନିକ ପଦବୀ ଧାରଣ କରୁନଥିଲେ ଏବଂ କେବଳ ନୈମିତ୍ତିକ ଆଧାରରେ ନିୟୋଜିତ ହୋଇଥିଲେ, ଏହି ଅଧିନିୟମର ବ୍ୟବସ୍ଥା ଆକର୍ଷିତ ହୋଇନଥିଲା । ଏହି ନ୍ୟାୟାଳୟ ଏହି ଯୁକ୍ତିକୁ ଅସ୍ୱୀକାର କରିଥିଲେ ଏବଂ ଏହିପରି ରାୟ ଦେଇଥିଲେ:

> "ଭାଷା ଦୃଷ୍ଟିରୁ, ସଂସଦକୁ ଏଥିରେ ଅନ୍ତର୍ଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିବାକୁ ଅନୁମତି ଦେଉଥିବା ଧାରା 323-A ର ପରିସର ବହୁତ ବ୍ୟାପକ ଏବଂ 1985 ଅଧିନିୟମ ପ୍ରଣୟନ କରି ଏହି କ୍ଷମତାକୁ ପ୍ରାୟ ପୂର୍ଣ୍ଣ ମାତ୍ରାରେ ପ୍ରୟୋଗ କରାଯାଇଛି । ଧାରା 14 ଏବଂ ଧାରା 3(q) ର ଯାଞ୍ଚ ସ୍ୱଷ୍ଟ ଭାବରେ ସୂଚିତ କରେ ଯେ ଏହି ଅଧିନିୟମ ଏକ ବ୍ୟାପକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଏବଂ ନ୍ୟାୟାଧିକରଣର କ୍ଷେତ୍ରାଧିକାର ସହିତ ଜଡିତ ବ୍ୟବସ୍ଥାଗୁଡ଼ିକ ଏକ ସଂକୀର୍ଣ୍ଣ ବ୍ୟାଖ୍ୟା ପାଇବା ଉଚିତ ବୋଲି ସୁଚାଇବା ପାଇଁ କିଛି ନାହିଁ । ଧାରା 15 ଏବଂ 15 ରେ ସେବା ସର୍ତ୍ତାବଳୀର ଆହୁରି ଗଣନା ପାଇଁ ଦାବିର ଉତ୍ତର ଦେବା ସମୟରେ ବିଲ୍ ପ୍ରଣୟନ କରୁଥିବା ତତ୍କାଳୀନ ଆଇନ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱଷ୍ଟୀକରଣ ଦ୍ୱାରା ମଧ୍ୟ ଏହା ସମର୍ଥିତ । x x x x x x x x x x x x x x "

ଏହିପରି ନିର୍ଦ୍ଧାରିତ ଆଇନକୁ ଦୃଷ୍ଟିରେ ରଖି, ଆମେ ବିଚାର କରୁଛୁ ଯେ ବର୍ତ୍ତମାନର ମାମଲାରେ ମଧ୍ୟ ଉଚ୍ଚ ନ୍ୟାୟାଳୟକୁ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତା ଏବଂ କ୍ଷେତ୍ରାଧିକାରିତାରୁ ବଞ୍ଚିତ କରାଯାଇଥିଲା ଏବଂ ଅଧିନିୟମ ଅନୁଯାୟୀ ସେହି ଉଦ୍ଦେଶ୍ୟରେ ଗଠିତ ପ୍ରଶାସନିକ ନ୍ୟାୟାଧିକରଣରେ ଏହା ନିହିତ ଥିଲା ।

ତେବେ, ଯେହେତୁ ଯୋଗ୍ୟତା ଉପରେ ଦାବିଗୁଡିକର ସମାଧାନ ହୋଇସାରିଛି, ଆମେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରୁଛୁ । ତଦନୁସାରେ ଅପିଲର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

*ସି.ଏ. ନଂ: 8087/95 @ ଏସଏଲପି (ସି) ନଂ: 3171/90*

ଅନୁମତି ପ୍ରଦାନ କରାଗଲା ।

ଉପରୋକ୍ତ ରାୟକୁ ଦୃଷ୍ଟିରେ ରଖି, ଅପିଲଟିର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲଗୁଡିକ ଫଇସଲା ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।